# NATIONAL NEWS BULLETIN (ODIA)
## 22 February-2025
### Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଭାଷାଗୁଡ଼ିକ ମଧ୍ୟରେ ରହିଥିବା ଦୂରତ୍ୱକୁ ହ୍ରାସ କରିବା ସାମୂହିକ ଦାୟିତ୍ୱ ହେବା ଉଚିତ୍ ବୋଲି କହିଲେ ପ୍ରଧାନମନ୍ତ୍ରୀ ।
- ଦେଶର ଗ୍ରାମୀଣ କ୍ଷେତ୍ର ସହାୟତା ଆଧାରରେ ନିରନ୍ତର ବିକାଶ ଉପରେ ଗୁରୁତ୍ୱାରୋପ କଲେ ଉପରାଷ୍ଟ୍ରପତି ।
- ଜୋହାନ୍ସବର୍ଗ ଠାରେ ଭାରତ-ଅଷ୍ଟ୍ରେଲିଆ-ଫ୍ରାନ୍ସ ମଧ୍ୟରେ ବୈଦେଶିକ ମନ୍ତ୍ରୀ ସ୍ତରୀୟ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ।
- ସପ୍ତଦଶ ଓଡ଼ିଶା ବିଧାନସଭାର ଗତକାଲି ଶେଷ ହେଲା ପ୍ରଥମ ପର୍ଯ୍ୟାୟ ବଜେଟ୍ ଅଧିବେଶନ ।

– ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ମାସ ୭ ତାରିଖରୁ ଆରମ୍ଭ ।

ଏବଂ

- ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଆଜି ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ପରସ୍ପରକୁ ଭେଟିବେ ।

# ପିଏମ୍-ମରାଠୀ ସମ୍ମିଳନ

ଭାଷାଗୁଡ଼ିକ ମଧ୍ୟରେ ରହିଥିବା ଦୂରତ୍ୱ ହ୍ରାସ କରିବା ସାମୂହିକ ଦାୟିତ୍ୱ ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀ ଠାରେ ଆୟୋଜିତ ୯୮ତମ ଅଖିଳ ଭାରତୀୟ ମରାଠୀ ସାହିତ୍ୟ ସମ୍ମିଳନୀକୁ ଗତକାଲି ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ମହାରାଷ୍ଟ୍ରର ଅନେକ ସନ୍ଥ ମରାଠୀ ଭାଷାରେ ଭକ୍ତି ଆନ୍ଦୋଳନ ମାଧ୍ୟମରେ ସମାଜକୁ ନୂତନ ଦିଗ ପ୍ରଦର୍ଶନ କରିଛନ୍ତି । ସରକାର ପ୍ରତ୍ୟେକ ଭାଷାକୁ ମୁଖ୍ୟ ସ୍ରୋତର ସ୍ୱର ଭାବରେ ପ୍ରତିପାଦନ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଭାରତୀୟ ଭାଷାଗୁଡ଼ିକ ପରସ୍ପରକୁ ସମୃଦ୍ଧ କରିଛନ୍ତି । ଅଖିଳ ଭାରତୀୟ ମରାଠୀ ସାହିତ୍ୟ ସମ୍ମିଳନୀ ଦେଶର ୧୪୭ ବର୍ଷର ଯାତ୍ରାର ସାକ୍ଷୀ ହୋଇ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ଛତ୍ରପତି ଶିବାଜୀ ମହାରାଜଙ୍କ ରାଜ୍ୟାଭିଷେକ ୩୫୦ ବର୍ଷ ପୂର୍ତ୍ତି ପାଳନ ବେଳେ ଏହି ସମ୍ମିଳନୀର ଆୟୋଜନ ଉଲ୍ଲେଖନୀୟ ।

**V/O**

ତିନି ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍ ଏବଂ ଭାଷାବିତ୍‌ଙ୍କୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହେଉଛି । ଏହି ଅବସରରେ ପୁସ୍ତକ ପ୍ରଦର୍ଶନୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଉଛି ।

# ଭିପି

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ନିରନ୍ତର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀ ଠାରେ ଆୟୋଜିତ ୨୧ତମ ଆଫ୍ରିକୀୟ-ଏସୀୟ ଗ୍ରାମୀଣ ଉନ୍ନୟନ ସଂଗଠନର ଉଦ୍‌ଘାଟନୀ ଅଧିବେଶନକୁ ଗତକାଲି ସମ୍ବୋଧନ କରି ଉପରାଷ୍ଟ୍ରପତି କହିଛନ୍ତି, ଗ୍ରାମୀଣ କ୍ଷେତ୍ର ସହାୟତାରେ ଦେଶର ନିରନ୍ତର ବିକାଶ ମୂଳଦୁଆ ସ୍ଥାପନ କରାଯାଇପାରିବ । ଏହି ଅବସରରେ ଗ୍ଲୋବାଲ୍ ସାଉଥ୍‌କୁ ବିଶ୍ୱ ମଞ୍ଚରେ ଉପସ୍ଥାପନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନୀତି ଉପରେ ସେ ଆଲୋକପାତ କରିଛନ୍ତି । କୃତ୍ରିମ ବୁଦ୍ଧିମତା, ଦକ୍ଷତା ବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଉପରାଷ୍ଟ୍ରପତି ଆଲୋକପାତ କରିବା ସହ ଏ କ୍ଷେତ୍ରରେ ରହିଥିବା ଆହ୍ୱାନ ଗୁଡ଼ିକର ସଫଳ ମୁକାବିଲା ପାଇଁ ନୂତନ ମାର୍ଗ ଉନ୍ମୋଚନ କରିବା ଉପରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ।

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୧୯ତମ ସଂସ୍କରଣ ।

ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏୟାର ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ । ରାତି ଆଠଟାରେ ଆଞ୍ଚଳିକ ଭାଷାନ୍ତରତାର ପୁନଃ ପ୍ରସାରଣ କରାଯିବ ।

## ଜୟଶଙ୍କର

ଜୋହାନ୍ସବର୍ଗ ଠାରେ ଭାରତ-ଅଷ୍ଟ୍ରେଲିଆ-ଫ୍ରାନ୍ସ ମଧ୍ୟରେ ବୈଦେଶିକ ମନ୍ତ୍ରୀ ସ୍ତରୀୟ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ଅଷ୍ଟ୍ରେଲିଆ ପ୍ରତିପକ୍ଷ ପେନି ଓଙ୍ଗ ଏବଂ ଫ୍ରାନ୍ସ ବୈଦେଶିକ ମନ୍ତ୍ରୀ ଜିନ୍ ନୋଏଲ୍ ବାରୋଟ୍ ଏହି ବୈଠକରେ ମତବିନିମୟ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପରସ୍ପରର ସ୍ଥିତିକୁ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଛି । ଏହି ବୈଠକରେ ବିଭିନ୍ନ ପକ୍ଷଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ମତକୁ ସେ ଉଚ୍ଚ ପ୍ରଶଂସା କରିଛନ୍ତି । ଜି-୨୦ ବୈଦେଶିକ ମନ୍ତ୍ରୀ ସ୍ତରୀୟ  ବୈଠକ ଅବସରରେ ୟୁରୋପୀୟ ସଂଘର

ବୈଦେଶିକ ବ୍ୟାପାର ଏବଂ ସୁରକ୍ଷା ନୀତିର ଉଚ୍ଚ ପ୍ରତିନିଧି କାଜା କଲାସଙ୍କ ସହ ଡକ୍ଟର ଜୟଶଙ୍କର ସାକ୍ଷାତ ଆଲୋଚନା କରିଛନ୍ତି ।

ଭାରତ ୟୁରୋପୀୟ ସଂଘ ସମ୍ପର୍କ ସହିତ ବିଭିନ୍ନ ବୈଶ୍ୱିକ ସମ୍ପର୍କ ଉପରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଡକ୍ଟର ଜୟଶଙ୍କର ସୂଚନା ଦେଇଛନ୍ତି । ଏହି ଅବସରରେ ଡକ୍ଟର ଜୟଶଙ୍କର ଆଙ୍ଗୋଲାର ବୈଦେଶିକ ମନ୍ତ୍ରୀ ଆମ୍ବ ଟେଟେ ଆଣ୍ଟୋନିଓଙ୍କ ସହ ଦ୍ୱିପାକ୍ଷିକ ସହଯୋଗ ଏବଂ ଭାରତ-ଆଫ୍ରିକା ସମ୍ପର୍କ ଉପରେ ଆଲୋଚନା କରିଛନ୍ତି । ଡକ୍ଟର ଜୟଶଙ୍କର ମଧ୍ୟ ଆୟାର୍‌ଲାଣ୍ଡ ପ୍ରତିପକ୍ଷ ସିମନ୍ ହାରିସ୍‌ଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି ।

## କୃଷିବିଜ୍ଞାନ ମେଳା

ନୂଆଦିଲ୍ଲୀରେ ଆଜି 'ପୁଷା କୃଷି ବିଜ୍ଞାନ ମେଳା-୨୦୨୫' ଆୟୋଜିତ ହେବ । କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଏହି ମେଳାକୁ ଉଦ୍‌ଘାଟନ କରିବେ । "ଉନ୍ନତ କୃଷି : ବିକଶିତ ଭାରତ" ବିଷୟବସ୍ତୁ ଆଧାରିତ ଏହି ମେଳା ତିନି ଦିନ ଧରି ଚାଲିବ । ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନର ନୂତନ ଜ୍ଞାନକୌଶଳଦ୍ୱାରା ବିକଶିତ ବିଭିନ୍ନ କିସମର ଉଦ୍ଭିଦ ଏହି ମେଳାରେ ପ୍ରଦର୍ଶିତ ହେବ । ମେଳାରେ କୃଷି ବିଜ୍ଞାନ କେନ୍ଦ୍ର, କୃଷକ ଉତ୍ପାଦ ସଙ୍ଗଠନ, ଉଦ୍ୟୋଗୀ ଓ ବିଭିନ୍ନ ଷ୍ଟାର୍ଟଅପ୍

ସଂସ୍ଥା ପକ୍ଷରୁ ବିଭିନ୍ନ ଉତ୍ପାଦ ଓ କୃଷି ସମ୍ବନ୍ଧୀୟ ଜ୍ଞାନକୌଶଳ ପ୍ରଦର୍ଶିତ ହେବ ।

## ଓଡ଼ିଶା ବିଧାନସଭା

ସପ୍ତଦଶ ଓଡ଼ିଶା ବିଧାନସଭାରେ ପ୍ରଥମ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଶେଷ ହୋଇଛି । ବାଚସ୍ପତି ସୁରମା ପାଢ଼ୀ ଗତକାଲି ଗୃହକୁ ମୁଲତବୀ ଘୋଷଣା କରିଛନ୍ତି । ପ୍ରଥମ ପର୍ଯ୍ୟାୟ ଅଧିବେଶନରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଏବଂ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବେଜଟ୍ ଆଗତ ହୋଇଥିଲା । ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ମୋଟ୍ ୮ଟି କାର୍ଯ୍ୟଦିବସ ରହିଥିଲା । ଏହି ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତାମାସ ୭ ତାରିଖରେ ଆରମ୍ଭ ହୋଇ ଏପ୍ରିଲ୍ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଅମିତ ଶାହା - ପୁଣେ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ମହାରାଷ୍ଟ୍ରର ପୁଣେଠାରେ ୨୭ତମ ପଶ୍ଚିମାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକରେ ଅଧ୍ୟକ୍ଷତା

କରିବେ । ଏହି ବୈଠକରେ ଗୁଜରାଟ, ଗୋଆ, ମହାରାଷ୍ଟ୍ର, କେନ୍ଦ୍ରଶାସିତ ଅଞ୍ଚଳ ଦାଦ୍ରା ଓ ନଗର ହାବେଲୀ ଏବଂ ଡାମନ ଓ ଡିୟୁର ମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ, ବରିଷ୍ଠ ପ୍ରଶାସକ ପ୍ରମୁଖ ଯୋଗଦେବେ । କ୍ଷେତ୍ରୀୟ ସ୍ତରରେ ମୌଳିକଢାଞ୍ଚା, ଖଣି, ପରିବେଶ, ଜଙ୍ଗଲ, ଖାଦ୍ୟ ନିରାପତ୍ତା ଆଦି ପ୍ରସଙ୍ଗରେ ଏହି ବୈଠକରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ଶାହା ଜନତା ସହକାରୀ ବ୍ୟାଙ୍କ୍‌ର ପ୍ଲାଟିନମ୍ ଜୁବ୍‌ଲି ସମାରୋହର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେବେ । ପୁଣେ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ହିତାଧିକାରୀଙ୍କୁ ଶ୍ରୀ ଶାହା ଏହି ଅବସରରେ ଯୋଜନା ସମ୍ପର୍କିତ କାଗଜପତ୍ର ହସ୍ତାନ୍ତର କରିବେ । ଏହି ଯୋଜନାର ପ୍ରଥମ ପର୍ଯ୍ୟାୟର ୧୦ ଲକ୍ଷ ହିତାଧିକାରୀଙ୍କୁ ମଧ୍ୟ ଶ୍ରୀ ଶାହା ଏ ସଂକ୍ରାନ୍ତ ନଥିପତ୍ର ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ଣାବିସ୍, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଅଜିତ ପାୱାର ପ୍ରମୁଖ ଯୋଗଦେବେ ।

## ଶିବରାଜ - ପି.ଏମ୍. କିଷାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସୋମବାର ଦିନ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ୧୯ତମ କିସ୍ତି ବାବଦ ଅର୍ଥ

ପ୍ରଦାନ କରିବେ । ନୂଆଦିଲ୍ଲୀଠାରେ ଗତକାଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ସୋମବାର ଦିନ ବିହାରର ଭାଗଲପୁରଠାରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ପ୍ରଧାନମନ୍ତ୍ରୀ 'ପି.ଏମ୍. କିଷାନ୍' ଯୋଜନାର ଏହି କିସ୍ତି ପ୍ରଦାନ କରିବେ । ୨ କୋଟି ୫୦ ଲକ୍ଷ ଚାଷୀ ଦେଶର ବିଭିନ୍ନ ସ୍ଥାନରୁ ଏହି ସମାରୋହରେ ବ୍ୟକ୍ତିଗତ ତଥା ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେବେ । ଯୋଗ୍ୟ ଚାଷୀମାନଙ୍କୁ ଏହି ଯୋଜନା ଅଧୀନରେ ୩ଟି ସମାନ କିସ୍ତିରେ ବାର୍ଷିକ ୬ ହଜାର ଟଙ୍କା ପ୍ରଦାନ କରାଯାଇଥାଏ ବୋଲି ଶ୍ରୀ ଚୌହାନ କହିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୩ ଲକ୍ଷ ୪୬ ହଜାର କୋଟି ଟଙ୍କା ଚାଷୀମାନଙ୍କୁ ପ୍ରଦାନ କରାଯାଇସାରିଛି। ପି.ଏମ୍. କିଷାନ ଯୋଜନା ଛୋଟ ଚାଷୀମାନଙ୍କ ଜୀବନଧାରଣ ମାନରେ ଏକ ବଡ଼ ପରିବର୍ତ୍ତନ ଆଣିପାରିଛି ବୋଲି କୃଷିମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ।

## କ୍ରିକେଟ୍

ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଗ୍ରୁପ୍-ବି ପର୍ଯ୍ୟାୟ ମ୍ୟାଚ୍‌ରେ ଆଜି ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା

ହେବ । ପାକିସ୍ତାନର ଲାହୋର ସ୍ଥିତ ଗଦାଫି ଷ୍ଟାଡିୟମ୍‌ରେ ଭାରତୀୟ ସମୟ ଅପରାହ୍ଣ ସାଢ଼େ ୨ଟାରେ ଏହି ମ୍ୟାଚ୍ ଖେଳାଯିବ ।

ଗତକାଲିର ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଆଫଗାନିସ୍ତାନକୁ ୧୦୭ରନ୍‌ରେ ପରାସ୍ତ କରିଛି । କରାଚିର ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୬ ଓ୍ୱିକେଟ୍ ବିନିମୟରେ ୩୧୫ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରିୟାନ୍ ରେକେଲ୍‌ଟନ୍ ୧୦୩ରନ୍‌ର ପାଳି ଖେଳିଥିଲେ ।

୩୧୬ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଆଫଗାନିସ୍ତାନ ୪୩ ଓଭର ୩ଟି ବଲ୍‌ରେ ୨୦୮ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ରହମତ ଶାହା ସର୍ବାଧିକ ୯୦ରନ୍ ସଂଗ୍ରହ କରିଥିଲେ । ରେକେଲ୍‌ଟନ୍‌ଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି ।

## ଏଫ୍‌ଆଇଏଚ୍-ହକି

ଏଫ୍.ଆଇ.ଏଚ୍. ହକି ପ୍ରୋ ଲିଗ୍ ପ୍ରତିଯୋଗିତାରେ ପୁରୁଷ ବର୍ଗରେ ଭାରତ ଗତକାଲିର ମ୍ୟାଚ୍‌ରେ ବିଜୟୀ ହୋଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଆୟାର୍‌ଲାଣ୍ଡକୁ ଭାରତ

୩-୧ ଗୋଲ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ଭାରତ ତାଲିକାର ପଞ୍ଚମ ସ୍ଥାନରେ ପହଞ୍ଚିଛି । ଦୁଇ ଦଳ ମଧ୍ୟରେ ସେହି ଷ୍ଟାଡିୟମ୍ ଠାରେ ଆଜି ମଧ୍ୟ ମ୍ୟାଚ୍ ଅନୁଷ୍ଠିତ ହେବ ।

ଅନ୍ୟ ପକ୍ଷରେ ମହିଳା ବର୍ଗରେ ଜର୍ମାନୀ ୪-୦ ଗୋଲ୍‌ରେ ଭାରତକୁ ହରାଇ ଦେଇଛି । ତାଲିକାରେ ମହିଳା ଭାରତୀୟ ଦଳ ସପ୍ତମ ସ୍ଥାନରେ ରହିଛନ୍ତି । ଉଭୟ ଦଳ ମଧ୍ୟରେ ଅପରାହ୍ଣ ୫ଟା ୧୫ ମିନିଟ୍‌ରେ ଆଜି ପରବର୍ତ୍ତି ମ୍ୟାଚ୍ ଖେଳାଯିବ ।

## ମହିଳା କ୍ରିକେଟ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟୀ ହୋଇଛି । ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିମ୍ ଠାରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମୁମ୍ବାଇ' ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ୪ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ମୁମ୍ବାଇ ବେଙ୍ଗାଲୁରୁକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ବେଙ୍ଗାଲୁରୁ ୭ ୱିକେଟ୍ ବିନିମୟରେ ୧୬୭ରନ୍ ସଂଗ୍ରହ କରିଥିଲା । ୧୬୮ରନ୍‌ର ବିଜୟ ଲକ୍ଷ୍ୟକୁ ମୁମ୍ବାଇ ୪ ୱିକେଟ୍ ବିନିମୟରେ ଗୋଟିଏ ବଲ୍ ବାକିଥାଇ ହାସଲ କରିପାରିଥିଲା ।

ମୁମ୍ବାଇ ଇଣ୍ଡିଆନ୍ସ ଦଳର ଅମନଜୋତ କୌରଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମନୋନୀତ କରାଯାଇଛି ।